## ଧାନମଣ୍ଡି ଖୋଲିବା ନେଇ ଅନିଶ୍ଚିତତା; ଆଶଙ୍କାରେ ଚାଷୀ

ଆଠଗଡ଼, ୫।୧(ସମିସ): ରାଜ୍ୟରେ ମିଲରମାନଙ୍କ ଆନ୍ଦୋଳନ ଚାଲିଥିବା ବେଳେ ସରକାର ଓ ମିଲରମାନଙ୍କ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଆଠଗଡ ଉପଖଣ୍ଡରେ ଧାନମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଫଳରେ ଚାଷୀ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ନରସିଂହପୁର ନିୟନ୍ତ୍ରିତ ବଜାର ପକ୍ଷରୁ ଡିସେମ୍ବର ୨୬ ତାରିଖରେ ଧାନମଣ୍ଡି ଖୋଲିବା ପାଇଁ ସୂଚନା ଦିଆଯାଇଥିଲା। ଏହିଦିନ ବଡ଼ମ୍ବା ବ୍ଲକ ଗୋପପୁର ସେବା ସମବାୟ ସମିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଔପଚାରିକ ଭାବେ ମଣ୍ଡି ଖୋଲିଥିଲା। ମାତ୍ର ଟୋକନ ଆସି ନ ଥିବା ସହିତ ମିଲରଙ୍କ ଅସହଯୋଗ ଯୋଗୁଁ ଧାନ କିଣା ହୋଇପାରି ନ ଥିଲା। ଧାନ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଦଲାଲ୍‌ମାନେ ସକ୍ରିୟ ହୋଇ ଧାନ କ୍ୱିଣ୍ଟାଲ ପିଛା ୧୬ ଶହରୁ ୧୮ ଶହ ଟଙ୍କା ଦେଇ ଚାଷୀମାନଙ୍କଠାରୁ କିଣି ନେଉଛନ୍ତି। ଏଥିପାଇଁ ଆଠଗଡ କୃଷକ ବିଜେଡି ସଭାପତି ସୁବାସ ପାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରସନ୍ନ ସ୍ୱାଇଁ କୁଲାଇଲୋ ସେବା ସମବାୟ ସମିତିର ସଭାପତି ସୁବାସ କୁମାର ଭୋଇ ପ୍ରମୁଖ ସରକାରଙ୍କୁ ଦାୟୀ କରିବା ସହିତ ଚାଷୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ପୁରାତନ ବିଦ୍ୟାର୍ଥୀଙ୍କ ଗୁରୁ ପୂଜନ



ନରସିଂହପୁର, ୫।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଗଣେଶ୍ୱର ବିଦ୍ୟାପୀଠ ଫୁଲପଡାସ୍ଥିତ ୧୯ ୯୪ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ବର୍ଷ ତଳର ବିଦ୍ୟାଳୟ ଶିକ୍ଷା ଓ ଶିକ୍ଷକ ତଥା ଗୁରୁ ଶିଷ୍ୟ ପରମ୍ପରାକୁ ମନେପକାଇ ବେତ ଓ ଅନୁଶାସନର ସ୍ମୃତିକୁ ରୋମନ୍ଥନ କରିଥିଲେ। ବିଦ୍ୟାଳୟର ସଭାପତି ବିରେନ୍ଦ୍ର କିଶୋର ବେହେରା, ପ୍ରଧାନଶିକ୍ଷକ କରୁଣାକର ଶତ୍ରୁସଲ, ମହେନ୍ଦ୍ର ସାହୁ, ଏବିଇଓ ବିଜୟ ଭୂୟାଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗୋଛି, ପ୍ରଦୀପ ସାହୁ, ହରିହର ଚମ୍ପତିରାୟ, ସୁବାସ ଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମନ୍ତ୍ରୀ, ରଞ୍ଜନ ରଶ୍ମି ବେହେରା, ବିଜୟଲକ୍ଷ୍ମୀ ଜେନା, ନିରଞ୍ଜନ ମହାପାତ୍ର, ଅରୁଣ ବେହେରା ପ୍ରମୁଖ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଆମ ପାଇଁ ମନ୍ଦିର ଓ ଏହାର ସୁରକ୍ଷା ସମୃଦ୍ଧିରେ ସମସ୍ତଙ୍କର ସହଭାଗିତା ପାଇଁ ପ୍ରଧାନଶିକ୍ଷକ କରୁଣାକର ଶତ୍ରୁସଲ ଆହ୍ୱାନ ଦେଇଥିଲେ। ଛାତ୍ର ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ବଡମ୍ବା, ୫।୧(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ରତାପାଟ ଓଡିଶା ବ୍ରିଗେଡ ସୈନିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଏହି କ୍ରୀଡାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରତାପାଟ ସରପଞ୍ଚ ମାଗିରାମ ବେହେରା, ସମ୍ମାନିତ ଅତିଥି ଭାବରେ ନାଏବ ସରପଞ୍ଚ ପ୍ରସନ୍ନ ପ୍ରଧାନ, ରତାପାଟ କ୍ଲଷ୍ଟରର ସିଆରସିସି ରମେଶ ଚନ୍ଦ୍ର ନାୟକ, ଅଗ୍ନିଶମ ବିଭାଗର ଷ୍ଟେସନ ମାଷ୍ଟର ସୁଶାନ୍ତ ସାମଲ, ସହକର୍ମୀ ନରୋତ୍ତମ ବେହେରା, କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରବୀନ୍ଦ୍ର ଦାସ, ପ୍ରଣୟ ଧଳ, ଲକ୍ଷ୍ମୀଧର ନାୟକ କ୍ରୀଡା ଉତ୍ସବରେ ଉପସ୍ଥିତ ଥିଲେ।



## ଅସହାୟଙ୍କୁ ଖାଦ୍ୟ ବାଣ୍ଟି ଜନ୍ମଦିନ ପାଳନ

ଫୁଲନଖରା, ୫।୧(ସମିସ): ରାମନଗର ନିବାସୀ ସାଧୁ ନନାଙ୍କ ୭ବର୍ଷର କୁନି ଝିଅ ନିବେଦିତା ପଣ୍ଡା ସାଙ୍ଗମାନଙ୍କ ସହ କେକ୍ କାଟି ଜନ୍ମ ଦିବସକୁ ପାଳନ କରିବା ପରିବର୍ତ୍ତେ ଏକ ସ୍ୱତନ୍ତ୍ର ଢ଼ଙ୍ଗରେ ପାଳନ କରିଛନ୍ତି। ନିବେଦିତା ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣା ଶିକ୍ଷା ଓ ଗବେଷଣା କେନ୍ଦ୍ରର ୩ୟ ଶ୍ରେଣୀର ଛାତ୍ରୀ। ତାଙ୍କର ଜନ୍ମଦିନ ଅବସରରେ ସେ ପ୍ରାତଃ ସମୟରେ ସ୍ନାନ ସାରି ଗୁରୁଜନ, ଗ୍ରାମଦେବତୀ ଓ ଗୋମାତାଙ୍କୁ ପ୍ରଣାମ କରି ସାରି ଅସହାୟଙ୍କୁ ଭୋଜନ ଦାନ ନିମନ୍ତେ ନିଜ ପିତାଙ୍କ ସହ ବାହାରି ଯାଇଥିଲେ। ସେ ବୁଲି ବୁଲି ପ୍ରାୟ ୫୦ ଦରିଦ୍ର ନାରାୟଣଙ୍କୁ ଖାଦ୍ୟ ବଣ୍ଟନ କରି ସେମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପାଶ୍ଚାତ୍ୟ ଆଭିଜାତ୍ୟରୁ ବାହାରି କୁନି ଝିଅ ନିବେଦିତାଙ୍କ ଏଭଳି ଜନ୍ମଦିନ ପାଳନ ନିଶ୍ଚିତ ଭାବରେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ମୁଖ୍ୟ ସଂପାଦକ ତଥା ଶିକ୍ଷାବିତ୍ ଡଃ ଶରତ କୁମାର ରଥ ମତବ୍ୟକ୍ତ କରିଛନ୍ତି।



# ଅପର୍ଣ୍ଣା ହତ୍ୟା ମାମଲାରେ ଛନ୍ଦି ହେଲା କନେଷ୍ଟବଳ ଦୀପକ

- ଦିନିକିଆ ରିମାଣ୍ଡରେ ନେଲା ଖୁଣ୍ଟୁଣୀ ପୁଲିସ
- ହତ୍ୟା କରିଛି ବୋଲି ରିପୋର୍ଟ ଦେଇଥିଲେ ଡାକ୍ତର
- ପୁଣିଥରେ ହେବ ରିମାଣ୍ଡ ଆବେଦନ
- କନେଷ୍ଟବଳ ଶୁଭମିତ୍ରା ହତ୍ୟାକାଣ୍ଡରେ ବି ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର/ଆଠଗଡ଼, ୫।୧(ସମିସ):

ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ ହୋଇଥିବା କନେଷ୍ଟବଳ ସ୍ୱାମୀ ଦୀପକ ଲାଗି ଅଡୁଆ ବଢ଼ିଛି। ପୂର୍ବରୁ ଗୋଟିଏ ହତ୍ୟା ମାମଲା ବିଚାରାଧୀନ ଥିବାବେଳେ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ମଧ ଛନ୍ଦି ହୋଇଛି। ସୋମବାର ଖୁଣ୍ଟୁଣୀ ଥାନା ପୁଲିସ ଦୀପକକୁ ଦିନିକିଆ ରିମାଣ୍ଡରେ ନେଇ ଆଠଗଡ଼ ଏସଡିଜେଏମ୍ କୋର୍ଟରେ ହାଜର କରାଇଛି। କୋର୍ଟରେ ହାଜର ହେବା ପରେ ଅପର୍ଣ୍ଣା ହତ୍ୟା ମାମଲାରେ ମଧ ଫସିଛି କନେଷ୍ଟବଳ ଦୀପକ। ଆବଶ୍ୟକ ପଡ଼ିଲେ ଦୀପକକୁ ଆଉଥରେ ରିମାଣ୍ଡରେ ନିଆଯିବ ବୋଲି ପୁଲିସ କହିଛି। ପୁଲିସ ସୂଚନାନୁସାରେ, ସିପି ଅଫିସରେ କାମ କରୁଥିବା ଦୀପକ ୨୦୧୮ ଏପ୍ରିଲ ମାସରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣାଙ୍କୁ ବିବାହ କରିଥିଲା। ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁର ଠାରେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକ ସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣା ମୃତ୍ୟୁବରଣ କରିଥିଲେ। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେବା ପରେ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁପରେ ତାଙ୍କ ନାମରେ ଥିବା ବୀମା ବାବଦକୁ କୋଟିଏ ଟଙ୍କା ପାଇଥିଲା ଦୀପକ। ଏହାପରେ ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କୁ ପ୍ରେମ କରିବା ସହ ସବ୍ ରେଜିଷ୍ଟ୍ରାର ଅଫିସରେ ବିବାହ କରିଥିଲା। ବିବାହ ପରେ ଶୁଭମିତ୍ରାଙ୍କ ନାମରେ ମଧ କୋଟିଏ ୨୫ ଲକ୍ଷ ଟଙ୍କାର ବୀମା କରିବା ସହ ୧୭ ଲକ୍ଷ ଟଙ୍କା ଧାର ନେଇଥିଲା। ଶୁଭମିତ୍ରା ୧୦ ଲକ୍ଷ ଟଙ୍କା ଫେରି ପାଇଥିବାବେଳେ ବାକି ୭ ଲକ୍ଷ ଟଙ୍କା ମାଗିବାରୁ ଦୀପକ ତାଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିଲା। ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେବା ପରେ ଦୀପକ ସନ୍ଦେହ ଘେରକୁ ଆସିଥିଲା ଅପର୍ଣ୍ଣାଙ୍କୁ ମଧ ହତ୍ୟା କରିଥିବା ଭଉଣୀ ରୋଜାଲିନ ଅଭିଯୋଗ କରିବା ପରେ ଖୁଣ୍ଟୁଣୀ ଥାନା ମାମଲା ରୁଜୁ କରି ତଦନ୍ତ କରିଥିଲା। ଅପର୍ଣ୍ଣାଙ୍କ ପରିବାର ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀ, ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର, ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତର, ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କୁ ପଚରାଉଚରା କରିଥିଲା। ଏଥିସହିତ ଦୀପକର ଧରମ ଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ ଜେରା କରିଥିଲା ପୁଲିସ। ଏସବୁ ବାଦ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ଯାଞ୍ଚ କରିବାକୁ ଡାକ୍ତରଙ୍କ ସହଯୋଗ ଲୋଡ଼ିଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଉକ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରିବା ବେଳେ ଚାଞ୍ଚଲ୍ୟକର କଥା ପଦାକୁ ଆସିଥିଲା। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଚିହ୍ନ ମନୁଷ୍ୟକୃତ ବୋଲି ଡାକ୍ତରୀ ଟିମ୍ ରିପୋର୍ଟ ଦେଇଥିଲେ। ସାକ୍ଷୀମାନଙ୍କ ବୟାନ ସାଙ୍ଗକୁ ଡାକ୍ତରଙ୍କ ରିପୋର୍ଟ ମିଳିବା ପରେ ଦୀପକ ହିଁ ଅପର୍ଣ୍ଣାଙ୍କୁ ହତ୍ୟା କରିଥିବା ପୁଲିସ ନିଶ୍ଚିତ ହୋଇଥିଲା। କଟକ ଗ୍ରାମାଞ୍ଚଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ ଆସି ଦୀପକକୁ ପଚରାଉଚରା କରିଥିଲା। ଅପର୍ଣ୍ଣା ହତ୍ୟା ମାମଲା ଲଗାଇବା ପାଇଁ ଦୀପକକୁ ରିମାଣ୍ଡରେ ନେବାକୁ ଖୁଣ୍ଟୁଣୀ ପୁଲିସ ଆବେଦନ କରିଥିଲା। ଆଠଗଡ଼ ଓ ଭୁବନେଶ୍ୱର ଏସଡିଜେଏମଙ୍କ ଅନୁମତି କ୍ରମେ ଖୁଣ୍ଟୁଣୀ ଥାନା ପୁଲିସ ସୋମବାର ଦୀପକକୁ ଦିନିକିଆ ରିମାଣ୍ଡରେ ନେଇଥିଲା। ଆଠଗଡ଼ କୋର୍ଟରେ ହାଜର କରାଇ ଅପର୍ଣ୍ଣା ହତ୍ୟା ମାମଲାରେ ଆଟାଚ୍ କରିଛି। ପ୍ରକ୍ରିୟା ସରିବା ପରେ ଦୀପକ ଝାରପଡ଼ା ଜେଲକୁ ଫେରି ଆସିଛି। ଦୀପକକୁ ଆଉଥରେ ରିମାଣ୍ଡରେ ନେବାକୁ ପୁଲିସ କୋର୍ଟରେ ଆବେଦନ କରିବ ବୋଲି ଯୋଜନା କରିଛି। ଦୀପକକୁ ନେବାପରେ କ୍ରାଇମ୍ ସ୍ପଟକୁ ନେଇ ଆଉ କିଛି ପ୍ରମାଣ ହାତେଇବାକୁ ପୁଲିସ ଲକ୍ଷ୍ୟ ରଖିଛି। ଆବଶ୍ୟକ ହେଲେ ଦୀପକର ମିଛ ଧରା ପରୀକ୍ଷା କରାଯିବାକୁ ମଧ ପୁଲିସ ଯୋଜନା କରିଛି।



ବିଧାୟକ ସମର୍ଥକଙ୍କ ଗୁଣ୍ଡାଗିରି

## ରାତିରେ ମହିଳା ଡାକ୍ତରଙ୍କ ପ୍ରତି ଅଶ୍ଳୀଳ ଆଚରଣ

ଭଦ୍ରେଶ୍ୱର, ୫।୧(ସମିସ): ମାହାଙ୍ଗା ସ୍ୱାଧୀନ ବିଧାୟକ ସମର୍ଥକଙ୍କ ଦାଦାଗିରିକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ରାତିରେ କର୍ତ୍ତବ୍ୟରତ ଜଣେ ମହିଳା ଡାକ୍ତରଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଫାଣ୍ଡିରେ ମହିଳା ଡାକ୍ତର ଜଣକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ରାଜନୈତିକ ଚାପରେ ମାହାଙ୍ଗା ଥାନା ପୁଲିସ ତରଫରୁ ଏହି ଘଟଣା ଉପରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା କାରଣରୁ ମହିଳା ଡାକ୍ତରଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କର ଜୀବନ ପ୍ରତି ବିପଦର ଆଶଙ୍କା ରହିଛି। ମାହାଙ୍ଗା ବ୍ଲକ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ଡାକ୍ତର ନିବେଦିତା ସାହୁ ରାତ୍ରରେ କାର୍ଯ୍ୟରତ ଥିଲେ। ଏହି ସମୟରେ ମଲ୍ଲିକପୁର ଗ୍ରାମର ନରେନ୍ଦ୍ର ରାଉତ ମହିଳା ଡାକ୍ତରଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଖୁଲମଖୁଲ୍ଲା ଭାବେ ଧମକ ଦେଇଥିଲେ ଯେ ଆମ ବିଧାୟକ ପାୱାରଫୁଲ ନେତା। ସେ ପ୍ରଧାନମନ୍ତ୍ରୀ ଗୃହ ମନ୍ତ୍ରୀଙ୍କ ନିକଟରେ ବସୁଛନ୍ତି। ଆମେ ଯାହା ଚାହିଁବୁ ଆମେ ତାହା କହିବୁ। ଡାକ୍ତର ଜଣକ ନ୍ୟାୟପାଇବା ନିମନ୍ତେ କୁମୁଡା-ଜୟପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଥାଉକି, କିଛି ମାସ ହେଲା ସମଗ୍ର ମାହାଙ୍ଗା ନିର୍ବାଚନମଣ୍ଡଳୀରେ ବିଧାୟକ ସମର୍ଥକଙ୍କ ଆତଙ୍କରାଜ ବୃଦ୍ଧି ପାଇଛି। ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁ ନାହାନ୍ତି। ନିକଟରେ ନରେନ୍ଦ୍ରଙ୍କ ସମ୍ପର୍କୀୟ ଓ ତାଙ୍କର ସହଯୋଗୀ ସାଲେପୁର ଏସଡିପିଓଙ୍କ ଉପରେ ବ୍ଲକ ପରିସରରେ ମରଣାନ୍ତକ ଆକ୍ରମଣ କରିବା ଘଟଣା କାହାରିକୁ ଅଛପା ନାହିଁ। ସିଆରପି ଏମବିକେମାନେ ବ୍ଲକ ଭିତରେ ଆନ୍ଦୋଳନ ଜାରି ରଖିଥିଲା ବେଳେ ବିଧାୟକଙ୍କ ପୋଷା ଗୁଣ୍ଡାମାନେ ମହିଳାଙ୍କୁ ଆକ୍ରମଣ ଓ ଅସଦାଚରଣ କରିବା ଘଟଣା କାହାରିକୁ ଅଛପା ନାହିଁ। ପୁଲିସ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ମାହାଙ୍ଗାରେ ଅରାଜକତା ଚରମସୀମାରେ ପହଞ୍ଚିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ପୁଲିସ ସାଜିଛି ନିରବଦ୍ରଷ୍ଟା

## ଇମାମ ନଗର କେନାଲ ଉପରେ ସେତୁ ନିର୍ମାଣ ଦାବି



କଟକ, ୫।୧(ସମିସ): କଟକ ମହାନଗର ନିଗମ ୪୯ନଂ ୱାର୍ଡ ଅନ୍ତର୍ଗତ ଇମାମ ନଗର ଅଞ୍ଚଳରେ ଯାତାୟାତ ସମସ୍ୟାର ସମାଧାନ ପାଇଁ "କଟକ-ଚୌଦ୍ୱାର ବିକାଶ ପରିଷଦ' ପକ୍ଷରୁ ସେତୁ ନିର୍ମାଣ ଦାବି ଜୋର ଧରିଛି। ସୋମବାର ପରିଷଦର ସଭାପତି ମାନସ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜଗତପୁରସ୍ଥିତ ଜଳସେଚନ ବିଭାଗ ମହାନଦୀ ଉତ୍ତର ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା କେନାଲର ନବୀକରଣ ପୂର୍ବରୁ ଏହି ଅଞ୍ଚଳରେ ଏକ ପଚ୍ଚା ପୋଲ ରହିଥିଲା, ଯାହା ଗ୍ରାମର ବିଭିନ୍ନ ସାହିକୁ ସଂଯୋଗ କରୁଥିଲା। ମାତ୍ର ନବୀକରଣ ସମୟରେ ଏହାକୁ ଭାଙ୍ଗି ଦିଆଯିବା ଫଳରେ ଗୋପବନ୍ଧୁ ନଗର ମଲ୍ଲିକ ସାହିର ବାସିନ୍ଦା ଓ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଇମାମ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯିବା ପାଇଁ କୋମଳମତି ପିଲାମାନଙ୍କୁ ପ୍ରାୟ ଦେଢ଼ କିଲୋମିଟର ବାଟ ବୁଲି ଯିବାକୁ ପଡୁଛି। ସେହିଭଳି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶ୍ମଶାନକୁ ଯିବା ପାଇଁ ମଧ କୌଣସି ସିଧାସଳଖ ସଂଯୋଗ ନ ଥିବା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଯଦି ଇମାମ ନଗର ବିଦ୍ୟାଳୟ ସମ୍ମୁଖରେ ଏକ ସେତୁ ନିର୍ମାଣ କରାଯାଏ, ତେବେ ଇପିକଲ ଛକ, ନୂତନ ଶିଳ୍ପାଞ୍ଚଳ ଓ ମୁଖ୍ୟ ରାମ ମନ୍ଦିରକୁ ଯିବା ପାଇଁ ଦୂରତା ଯଥେଷ୍ଟ କମିବ। ପ୍ରତିନିଧିମଣ୍ଡଳୀରେ ମୁରବୀ ଶିବଚରଣ ପ୍ରଧାନ, ପ୍ରମୋଦ ମହାନ୍ତି, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ। ବିଭାଗୀୟ ଯନ୍ତ୍ରୀ ଏହି ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହ ସମନ୍ୱୟ ରକ୍ଷା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଲା କଟକ-ଚୌଦ୍ୱାର ବିକାଶ ପରିଷଦ

## ବାପାଙ୍କ ସ୍ମୃତିରେ ପୁଅର ନିଆରା ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୫।୧(ସମିସ): ସମୟରେ ଆମ୍ବୁଲାନ୍ସ ଓ ଅମ୍ଳଜାନ ନ ମିଳିବାରୁ ଆଖି ଆଗରେ ବାପା ଚାଲିଗଲେ, କିନ୍ତୁ ସେହି ଦୁଃଖକୁ ପାଥେୟ କରି ଅନ୍ୟ କାହାର ପ୍ରିୟଜନ ଯେପରି ଅକାଳରେ ନ ଝଡ଼ନ୍ତୁ, ସେଥିପାଇଁ ଏକ ମହତ ପ୍ରୟାସ ଆରମ୍ଭ କରିଛନ୍ତି ମାହାଙ୍ଗା ମୂଳବସନ୍ତ ପଞ୍ଚାୟତ ଧର୍ମଦାସପୁର ଗ୍ରାମର ନଗେନ୍ଦ୍ର ନାଥ। ନିଜ ସ୍ୱର୍ଗତ ପିତା ବସନ୍ତ କୁମାର ନାଥଙ୍କ ସ୍ମୃତିରେ ସେ ଅଞ୍ଚଳବାସୀଙ୍କ ପାଇଁ ଏକ ମାଗଣା ଆମ୍ବୁଲାନ୍ସ ସେବା ଉତ୍ସର୍ଗ କରିଛନ୍ତି। ୧ ଜାନୁଆରୀ ୨୦୧୮ରେ ନଗେନ୍ଦ୍ରଙ୍କ ବାପା ଅସୁସ୍ଥ ହେବା ପରେ ତାଙ୍କୁ କଟକ ନେବା ପାଇଁ ସେ ବହୁ ଚେଷ୍ଟା କରି ମଧ ଆମ୍ବୁଲାନ୍ସ କିମ୍ବା ଅମ୍ଳଜାନ ବ୍ୟବସ୍ଥା କରିପାରି ନ ଥିଲେ। ସ୍ଥାନୀୟ ଚିକିତ୍ସାଳୟ କର୍ମଚାରୀଙ୍କ ଅବହେଳା ଓ ଉପଯୁକ୍ତ ସମୟରେ ପରିବହନ ସୁବିଧା ନ ମିଳିବାରୁ ତାଙ୍କ ବାପା ଆରପାରିକୁ ଚାଲିଗଲେ। ସେଦିନରୁ ସେ ସଂକଳ୍ପ କରିଥିଲେ ଯେ ସେ ନିଜେ ଏକ ଆମ୍ବୁଲାନ୍ସ ସେବା ଆରମ୍ଭ କରିବେ। ନଗେନ୍ଦ୍ର ନିଜ ଅକ୍ଳାନ୍ତ ପରିଶ୍ରମରେ ଏକ ଆମ୍ବୁଲାନ୍ସ କିଣି ଏବେ ରୋଗୀଙ୍କୁ ମାଗଣାରେ ଡାକ୍ତରଖାନା ପହଞ୍ଚାଇବା ପାଇଁ ସଜିତ କରିଛନ୍ତି। ତାଙ୍କ ମା' ରଞ୍ଜୁଲତା ନାଥ ଏହି ସେବାର ଶୁଭାରମ୍ଭ କରିଥିବା ବେଳେ ଏକ ବୃକ୍ଷ ପୂଜନ ଓ ରୋପଣ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଏହି ମହତ କାର୍ଯ୍ୟରେ ନଗେନ୍ଦ୍ରଙ୍କ ବଡ଼ ଭାଇ ନରେନ୍ଦ୍ର ନାଥ ସହଯୋଗ କରିଥିବା ବେଳେ ସହଧର୍ମିଣୀ ବିଜୟଲକ୍ଷ୍ମୀ ସାହୁ ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଉତ୍ସାହିତ କରିଛନ୍ତି। ନଗେନ୍ଦ୍ରଙ୍କ ଏହି ନିଆରା ତଥା ମହତ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ନଗେନ୍ଦ୍ରଙ୍କ ମାଗଣା ଆମ୍ବୁଲାନ୍ସ ସେବା ଲୋକାର୍ପିତ



ଶିକ୍ଷକଙ୍କ ଅନ୍ୟତ୍ର ଶିକ୍ଷାଦାନ ନିର୍ଦ୍ଦେଶକୁ ନେଇ ଧାରଣା

# ବିଶିପଦା ସ୍କୁଲ ଗେଟ୍‌ରେ ପଡ଼ିଲା ତାଲା



ଫୁଲନଖରା, ୫।୧(ସମିସ):

ବାରଙ୍ଗ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ କୋରକରା ପଞ୍ଚାୟତ ବିଶିପଦାସ୍ଥିତ ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠର ସହକାରୀ ଶିକ୍ଷକ କୈଳାସଚନ୍ଦ୍ର ବେଉରାଙ୍କ ଅନ୍ୟ ବିଦ୍ୟାଳୟରେ ଶିକ୍ଷାଦାନ ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକଅଭିଭାବିକାମାନେ ଧାରଣା ଦେବା ସହିତ ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେଫ ଉକ୍ତ ବିଦ୍ୟାପୀଠରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସଂଖ୍ୟା ୨୨୦ ହୋଇଥିବାବେଳେ ସରକାରୀ ନିୟମାନୁଯାୟୀ ୭ଜଣ ଶିକ୍ଷକ ରହିବା ଜରୁରୀ। ନିକଟସ୍ଥ ବାଙ୍କେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୦ଜଣ ଶିକ୍ଷାର୍ଥୀ ଥିବାବେଳେ ଜଣେ ମାତ୍ର ଶିକ୍ଷୟିତ୍ରୀ ଥିଲେ। ତାଙ୍କର ଅସୁସ୍ଥତା ସମୟରେ ବିଦ୍ୟାଳୟର ପାଠପଢ଼ା ସଂପୂର୍ଣ୍ଣ ବନ୍ଦ ରହୁଥିଲା। ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତିକରି ବାରଙ୍ଗ ବିଇଓ ୨୯ଜଣ ଶିକ୍ଷାର୍ଥୀ ଥିବା ଶିଶୋ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ୩ଜଣ ଶିକ୍ଷକଙ୍କ ମଧ୍ୟରୁ ସହକାରୀ ଶିକ୍ଷକ ଦିବାକର ଦାସଙ୍କୁ ବାଙ୍କେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଗଷ୍ଟ ମାସରେ ବଦଳି କରିଥିଲେ। ଉକ୍ତ ଶିକ୍ଷକ ଅଗଷ୍ଟ ୭ ତାରିଖରେ ବାଙ୍କେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବା ସଙ୍ଗେ ସଙ୍ଗେ ଅଗଷ୍ଟ ମାସରେ ୨ ଦିନ, ନଭେମ୍ବର ମାସରେ ୨ ଦିନ ଓ ଡିସେମ୍ବର ମାସରେ ୩ ଦିନ ଶିକ୍ଷାଦାନ କରିଥିଲେ ବୋଲି ଜଣାପଡିଛି। ଶହୀଦ ସ୍ମୃତି ବିଦ୍ୟାପୀଠରେ ତାଲା ପଡିବା ଘଟଣାକୁ ନେଇ ମଣ୍ଡଳ ଶିକ୍ଷାଧିକାରୀ କହିଥିଲେ, ବାଙ୍କେଶ୍ୱର ବିଦ୍ୟାଳୟରେ ନୂତନ ଭାବରେ ଜଏନ୍ କରିଥିବା ଶିକ୍ଷକ ଅସୁସ୍ଥତା କାରଣରୁ ଛୁଟିରେ ଅଛନ୍ତି ତେଣୁ ଶହୀଦ୍ ସ୍ମୃତି ବିଦ୍ୟାପୀଠର ଜଣେ ଶିକ୍ଷକଙ୍କୁ ସାମୟିକ ଶିକ୍ଷାଦାନ ନିମନ୍ତେ ଉକ୍ତ ବିଦ୍ୟାପୀଠକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ପ୍ରକୃତ କଥା ଜାଣିବା ପାଇଁ ଶିଶୋ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିବା ପରେ ଜଣେ ଶିକ୍ଷକ ଉକ୍ତ ବିଦ୍ୟାପୀଠରେ ପ୍ରତ୍ୟେକ ଦିନ ଭଳି ଆଜି ମଧ ଶିକ୍ଷାଦାନ କରୁଥିବାର ଦେଖିବାକୁ ମିଳିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଜଣେ ଶିକ୍ଷକଙ୍କ ପ୍ରତି ବିଇଓଙ୍କ ଏଭଳି ଅନୁକମ୍ପା କାହିଁକି? ଶିକ୍ଷକ ସୁସ୍ଥ ଥାଇ ଶିକ୍ଷାଦାନ କରୁଥିବା ବେଳେ ବିଇଓ ଏଭଳି ମିଥ୍ୟା ତଥ୍ୟ ପ୍ରଦାନ କରିବାର କାରଣ କ'ଣ ଓ ଏହା ପଛରେ ରହସ୍ୟ କ'ଣ ରହିଛି ତାହା ଏବେ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଏତଦ୍‌ବ୍ୟତୀତ ଉକ୍ତ ବିଦ୍ୟାପୀଠରେ ଶିକ୍ଷାର୍ଥୀଙ୍କ ଉପସ୍ଥିତି ଅନୁଯାୟୀ ୨ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀଙ୍କ ୩ୟ ଶିକ୍ଷକଙ୍କୁ ଶିକ୍ଷାଦାନ ନିମନ୍ତେ ବିଇଓଙ୍କ ନିର୍ଦ୍ଦେଶ କାହା ସ୍ୱାର୍ଥରେ ତାହା ଏବେ ତଦନ୍ତ ସାପେକ୍ଷ।

ସେହିଭଳି ବାରଙ୍ଗ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଅନେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଥିଲେ ମଧ ବାର୍ଷିକ ପରୀକ୍ଷା ଆଉ କମ୍ ଦିନ ଥିବାବେଳେ କ'ଣ ପାଇଁ କମ୍ ଶିକ୍ଷକ ଥିବା ବିଦ୍ୟାଳୟରୁ ଡେପୁଟେସନ୍‌ରେ ଅନ୍ୟ ବିଦ୍ୟାଳୟକୁ ଶିକ୍ଷକଙ୍କୁ ପଠାଯାଇ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରାଯାଉଛି ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଇଓଙ୍କୁ ଯୋଗାଯୋଗ କରିବାରୁ ସବୁ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି ବୋଲି ସଫେଇ ଦେବା ସହ ବିଦ୍ୟାଳୟରେ ଶିକ୍ଷକଙ୍କ ସମନ୍ୱୟ ରକ୍ଷା ନିମନ୍ତେ ଏଭଳି କରାଯାଉଛି ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ବାଙ୍କେଶ୍ୱର ବିଦ୍ୟାପୀଠକୁ ବଦଳି ହୋଇ ଆସିଥିବା ଜନୈକ ଶିକ୍ଷକକୁ ଆବଶ୍ୟକତା ନଥିବା ବିଦ୍ୟାଳୟକୁ ଶିକ୍ଷାଦାନ ନିମନ୍ତେ ପଠାଯାଇ ଆବଶ୍ୟକ ଥିବା ଶହୀଦ ସ୍ମୃତି ବିଦ୍ୟାପୀଠରୁ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଉରାଙ୍କୁ ବାଙ୍କେଶ୍ୱର ପ୍ରାଇମେରୀ ବିଦ୍ୟାପୀଠକୁ ଶିକ୍ଷାଦାନ ନିମନ୍ତେ ୧.୧.୨୬ତାରିଖରେ ଚିଠି ନଂ୦୨ରେ ନିର୍ଦ୍ଦେଶ ଦେଇଥିବା ବାରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସହ ଜନୈକ ଶିକ୍ଷକଙ୍କ ଅନ୍ୟତ୍ର ଶିକ୍ଷାଦାନ ଆଦେଶକୁ ତୁରନ୍ତ ପ୍ରତ୍ୟାହାର ନିମନ୍ତେ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଦାବି କରିଥିଲେ। ଉକ୍ତ ଘଟଣା ବିଷୟରେ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଜାଣିବା ପରେ ଥାନାଅଧିକାରୀମାନଙ୍କୁ ପଠାଇ ଧାରଣା ପ୍ରତ୍ୟାହାର ନିମନ୍ତେ ବୁଝାସୁଝା କରିଥିଲେ। ଅନେକ ସମୟ ବୁଝାସୁଝା ପରେ ମଧ ଧାରଣା ଅବ୍ୟାହତ ରହିଥିଲା। ବିଇଓ ଦିନେ ଦୁଇଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

ବାରଙ୍ଗ ବିଇଓଙ୍କ ଅନୁକମ୍ପା କାହା ସ୍ୱାର୍ଥରେ?






